## ପୋଖରୀରୁ ମୃତଦେହ ଜବତ

ଖୁଣ୍ଟା,(ଦେବରଞ୍ଜନ ବେହେରା)- ଖୁଣ୍ଟା ଥାନା ଅଧୀନ ପାଣ୍ଡୁଦାଶଖୁଣ୍ଟା ଗ୍ରାମ ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ସେହି ଗ୍ରାମର ହରେକୃଷ୍ଣ ପଧୁରିଆ। ଶନିବାର ଅପରାହ୍ନ ପ୍ରାୟ ୨ ଟା ସମୟରେ ସେ ପୋଖରୀକୁ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ। ପରେ ନିକଟସ୍ଥ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୮/୨୩) ରୁଜୁ ହୋଇଛି।



## ସଂକ୍ଷେପରେ

### ବ୍ଲକସ୍ତରୀୟ କ୍ରୀଡ଼ା: ଭାଗ ନେଲେ ୨୦୦ ଛାତ୍ରୀଛାତ୍ର

ଧାମନଗର, ୨।୯ (ଦେବେନ୍ଦ୍ର ଆଦିଆ) ପାଠ ପଢ଼ିବା ଦ୍ୱାରା ମାନସିକ ଦକ୍ଷତା ବୃଦ୍ଧି ପାଇଥାଏ। ହେଲେ ଶାରୀରିକ ସୁସ୍ଥତା ପାଇଁ କ୍ରୀଡ଼ା ଏକାନ୍ତ ଜରୁରୀ ବୋଲି ଧାମନଗର ବ୍ଲକସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଦଇପୁରସ୍ଥିତ ଇନ୍ଦ୍ରଗୋବିନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ପ୍ରଧାନ ଶିକ୍ଷକ ଗଦାଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କ୍ରୀଡ଼ା ଉତ୍ସବକୁ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଜେନା ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭୀମସେନ ହୋ ଓ ସତ୍ୟସୁନ୍ଦର ପରିଡ଼ା ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୩୦ ବିଦ୍ୟାଳୟରୁ ୨୦୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। କୃତୀ ୩୦ରୁ ଅଧିକ ପ୍ରତିଯୋଗୀ ସୋମବାର ହେବାକୁ ଥିବା ଜିଲାସ୍ତରୀୟ ଖେଳିବାକୁ ମନୋନୀତ ହୋଇଛନ୍ତି। ଅଶୋକ ପଣ୍ଡା, ଦିଲୀପ ରାଉତ, ସୁନିତା ମିଶ୍ର, ଦୀପକ ପଣ୍ଡା, ଲକ୍ଷ୍ମୀବାଇ ଭଞ୍ଜ ଓ କିଶୋର ବେହେରା ଖେଳ ପରିଚାଳନା କରିଥିଲେ।

### ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ, ୨।୯(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲାସ୍ତରୀୟ ଓ ତାଲୁକସ୍ତରୀୟ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫୌଜଦାରୀ (ସାଲିସ୍ ଯୋଗ୍ୟ) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟ ବିଲ୍ ଦେୟଜନିତ ବିବାଦ, ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ) ରାଜସ୍ୱ, ମୋଟର ଯାନ ସମ୍ବନ୍ଧୀୟ ଓ ଅନ୍ୟ ଦେୱାନୀ ମକଦ୍ଦମାର ଆପୋସ ସହମତିରେ ସମାଧାନ କରାଯାଇପାରିବ। ଅଧିକ ବିବରଣୀ ପାଇଁ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

### ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକ

ମୋରଡା,୨।୯(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଦାନ୍ତିଆମୁହାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ହରି ସିଂ (ହରିଭାଇ)ଙ୍କ ଅକାଳ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ମୋରଡ଼ା ବିଧାୟକ ରାଜକିଶୋର ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି,ରାଜନେତା,ବୁଦ୍ଧିଜୀବୀ ଏବଂ ଗ୍ରାମବାସୀ ତାଙ୍କ ବାସଭବନରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ଶନିବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଗୋପବନ୍ଧୁ ନଗର,୨।୯(ଶାନ୍ତନୁ କୁମାର ମଣ୍ଡୁଆଲ)- ଗୋପବନ୍ଧୁ ନଗର ବ୍ଲକ ଶୀଳଘାଟି ପଞ୍ଚାୟତ ଗୁଡଡିହା ସିନ୍ଦୂରଗୌରା ଯୁବକ ସଂଘ ଆନୁକୂଲ୍ୟରେ ୨୮ତମ ୪ ଦିନିଆ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରୁ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ଉଦଳା ଟିମ୍‌କୁ ୨-୦ ଗୋଲରେ ହରାଇ ମୁଣ୍ଡାକାଟି ଗାଲାଇ ଏଫସି ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟକୁ ସରପଞ୍ଚ ଖେଲା ହେମ୍ବ୍ରମ ଉଦ୍‌ଘାଟନ କରିଥିଲେ। ଯୁବକ ସଂଘର ସଭାପତି ସାଗରାମ ଟୁଡୁ, ସମ୍ପାଦକ ଇଂ. ରତ୍ନାକର ମୁର୍ମୁ, ସନାତନ ଟୁଡୁ, ନରେନ୍ଦ୍ର ହାଁସଦା, ଡାକ୍ତର ମୁର୍ମୁ, ଭରତ ଚନ୍ଦ୍ର ମୁର୍ମୁ ପ୍ରମୁଖ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଡ. ମନୋରଞ୍ଜନ ମଲ୍ଲିକ, ଭାରତୀ ସିଂ, ଶୀରିଶ ମୁର୍ମୁ, ଦୁଲାଲ ସୋରେନ, ବଚନ ମୁର୍ମୁ ପ୍ରମୁଖ ଯୋଗଦେଇ ଚମ୍ପିଆନ ଦଳକୁ ୩୦ ହଜାର ଓ ରନର୍ସଅପ୍ ଦଳକୁ ୨୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ।

# ୨୨ ପେଟ୍ରୋଲ ପମ୍ପକୁ ନୋଟିସ

## ବିନା ଏନ୍‌ଓସିରେ ଜାତୀୟ ରାଜପଥ କଡ଼ରେ ଚାଲିଛି

କେନ୍ଦୁଝର,୨।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାରତୀୟ ଜାତୀୟ ରାଜପଥ ପ୍ରାଧୀକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଜାରି କରାଯାଇଥିବା ଗାଇଡ୍‌ଲାଇନ୍‌କୁ କେନ୍ଦୁଝର ଜିଲାର ଅନେକ ପେଟ୍ରୋଲ ପମ୍ପ ମାଲିକ ମାନୁନାହାଁନ୍ତି। ଫଳରେ ଏନ୍‌ଏଚ୍‌ରେ ଟ୍ରାଫିକ୍ ଜାମ୍ ଓ ଦୁର୍ଘଟଣା ବଢୁଛି। ଗୁରୁବାର ଅନୁଷ୍ଠିତ ରାସ୍ତା ସୁରକ୍ଷା ବୈଠକରେ ଏଭଳି ଆଲୋଚନା ପରେ ଜିଲା ଯୋଗାଣ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ବିନା ଏନ୍‌ଓସି (ନୋ ଅବଜେକ୍ସନ ସାର୍ଟିଫିକେଟ)ରେ ଚାଲିଥିବା ଏଭଳି ୨୨ ପେଟ୍ରୋଲ ପମ୍ପ ମାଲିକଙ୍କୁ ଶୁକ୍ରବାର ନୋଟିସ ଜାରି କରାଯାଇଛି । ୭ ଦିନ ମଧ୍ୟରେ ଏନ୍‌ଏଚ୍‌ଏଆଇରୁ ଏନଓସି ନ ଆଣିଲେ ସେମାନଙ୍କ ଲାଇସେନ୍ସ ବାତିଲ କରାଯିବ ବୋଲି ନୋଟିସରେ ଦର୍ଶାଯାଇଛି। ତେବେ ଏତେଦିନ ଧରି କିଭଳି ବେଆଇନ ଭାବରେ ଏହି ସବୁ ପେଟ୍ରୋଲ ପମ୍ପ ଚାଲୁଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ. ଏନ୍‌ଏଚ୍ କଡ଼ରେ ପେଟ୍ରୋଲ ପମ୍ପ ବା ଅନ୍ୟ କୌଣସି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଏନ୍‌ଏଚ୍‌ଏଆଇରୁ ଏନ୍‌ଓସି ଆଣିବା ବିଧେୟ। ଏଥିପାଇଁ କେନ୍ଦ୍ର ସରକାରଙ୍କ ରାସ୍ତା ପରିବହନ ଓ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଚିଠି ନଂ.ଆରଡବ୍ଲ୍ୟୁ-ଏନ୍‌ଏଚ୍-୩୩୦୩୨/୧/୨୦୧୭ ତା୨୬।୬।୨୦୨୦ରେ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇଛି। ସେହିପରି ଓଡ଼ିଶା ହାଇସ୍ପିଡ୍ (ଡିଜେଲ ଲାଇସେନ୍ସିଙ୍ଗ) ଅର୍ଡର ୧୯୭୯ରେ ମଧ୍ୟ ଉଲ୍ଲେଖ ରହିଛି। ତେବେ ଏହାକୁ ଅନେକ ପେଟ୍ରୋଲ ପମ୍ପ ମାଲିକ ମାନୁ ନ ଥିବା ଜଣାପଡ଼ିବା ପରେ ଏଭଳି ପଦକ୍ଷେପ ନିଆଯାଇଛି। ଫଳରେ ଏହାକୁ ନେଇ ପେଟ୍ରୋଲ ପମ୍ପ ମାଲିକମାନଙ୍କ ମଧ୍ୟରେ ଭାଲେଣି ପଡ଼ିଛି। ଏନେଇ ପ୍ରଶାସନ କ'ଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ସମସ୍ତେ ଅପେକ୍ଷା କରିଛନ୍ତି ।

ଏଭଳି ନୋଟିସ ପରେ ଟ୍ରାଫିକ୍ ଜାମ୍ ଓ ଦୁର୍ଘଟଣା ରୋକାଯାଇ ପାରିବ ବୋଲି ସାମାଜିକ କର୍ମୀ ପ୍ରଦୀପ ମହାନ୍ତି କହିଛନ୍ତି । ଏନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଅଜୟ କୁମାର ରଥଙ୍କୁ ପଚାରିବାରୁ ରାସ୍ତା ସୁରକ୍ଷା ନେଇ ଅନୁଷ୍ଠିତ ବୈଠକରେ ଏହି ସମସ୍ୟା ଆଲୋଚନା ହେବା ପରେ ବିନା ଏନ୍‌ଓସିରେ ପମ୍ପ ଚଳାଉଥିବା ମାଲିକମାନଙ୍କୁ ନୋଟିସ କରାଯାଇଛି। ଏନ୍‌ଓସି ନ ଦେଲେ ସେମାନଙ୍କ ବିକ୍ରି ଲାଇସେନ୍ସ ରଦ୍ଦ କରିଦିଆଯିବ ବୋଲି ସେ କହିଛନ୍ତି । କେନ୍ଦୁଝର ଆରଟିଓ ଗୋପାଳକୃଷ୍ଣ ଦାସ କହିଛନ୍ତି ଯେ, ପେଟ୍ରୋଲ ପମ୍ପ ମାଲିକମାନେ ଏନ୍‌ଏଚ୍‌ଏଆଇ ଗାଇଡ୍‌ଲାଇନ ମାନୁ ନ ଥିବାରୁ ବିଭିନ୍ନ ପ୍ରକାରର ଟ୍ରାଫିକ ସମସ୍ୟା ଉପୁଜୁଛି। ଫଳରେ ଯୋଗାଣ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

ଉଲ୍ଲେଖଯୋଗ୍ୟ, ଜିଲାରେ ଶତାଧିକ ତେଲପମ୍ପ ରହିଛି। କେତେକ ପେଟ୍ରୋଲ ପମ୍ପରେ ଲୋକଙ୍କ ସୁବିଧା ପାଇଁ ତୈଳ କମ୍ପାନୀ ନିୟମାନୁଯାୟୀ ବ୍ୟବସ୍ଥା କରାଯାଇ ନ ଥିବା ବେଳେ କେତେକ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲୁଛି। ସେହିପରି ସ୍ୱତନ୍ତ୍ର ପାର୍କିଂ ବା ସର୍ଭିସ ରୋଡ୍ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ଗାଡ଼ି ଠିଆ ହୋଇ ତେଲ ପକାଇବା ଅପେକ୍ଷାରେ ରହୁଥିବାରୁ ଦୁର୍ଘଟଣାର କାରଣ ହେଉଛି। ତେବେ ବିଳମ୍ବରେ ହେଉ ପଛେ ଏନେଇ ପ୍ରଶାସନ ପଦକ୍ଷେପ ନେଇଥିବା ବେଳେ ଏହା କିପରି କାର୍ଯ୍ୟକାରୀ ହେଉଛି ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ବାଘମରା ପଥରଖାଦାନରେ ୧୪୪ ଧାରା ଜାରି

ନୀଳଗିରି, ୨।୯(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଧୀନ ଜାମୁଡ଼ିହା ପଞ୍ଚାୟତ ନିକଟ ବାଘମରା ପାହାଡ଼ ଅଞ୍ଚଳରେ ପଥରମାଫିଆ ଦୀର୍ଘଦିନ ଧରି ପଥର ଚୋରି ଚଳାଇ ଆସୁଛନ୍ତି। ଏହାକୁ ରୋକିବାକୁ ପ୍ରଶାସନ ପକ୍ଷରୁ ଶନିବାର ୧୪୪ ଧାରା ଜାରି କରାଯାଇଛି। ଏନେଇ ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ପୂର୍ବରୁ ଅନେକ ଥର ଚଢ଼ାଉ କରାଯାଇଥିଲେ ବି ପଥର ମାଫିଆ ପ୍ରଶାସନକୁ ଖାତିର୍ ନ କରି ପାହାଡ଼ରେ ପଥର ଉତ୍ତୋଳନ କରିଆସୁଥିଲେ। ଏହି ଘଟଣାର ଗୁରୁତ୍ୱ ଉପଲବ୍ଧି କରି ଉପଜିଲାପାଳ ମନ୍ଦରଧର ମହାଲିକଙ୍କ ନିର୍ଦ୍ଦେଶମତେ ନୀଳଗିରି ତହସିଲଦାରଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ପ୍ରଦୀପ ଦାସ, ସଜନାଗଡ଼ ଆର୍‌ଆଇ ଜାନକୀରାଣୀ ସିଂ, ଏଆର୍‌ଆଇ ପ୍ରତିଭା ଦାସ ଏବଂ ନୀଳଗିରି ପୋଲିସ ପହଞ୍ଚି ଲାଲ୍ ପତାକା ମାରି ୧୪୪ ଧାରା ଜାରି କରିଛନ୍ତି। ସେପ୍ଟେମ୍ବର ୧ତାରିଖଠାରୁ ଦୁଇମାସ ପର୍ଯ୍ୟନ୍ତ ତଥା ଆସନ୍ତା ଅକ୍ଟୋବର ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଅତିରିକ୍ତ ତହସିଲଦାର ସୂଚନା ଦେଇଛନ୍ତି।



ବାଘମରା ପଥରଖାଦାନରେ ଲାଲ୍ ପତାକା ଲଗାଇ ୧୪୪ ଧାରା ଜାରି କରାଯାଉଛି।

## ଅଧାରେ ରହିଗଲା ବାପଘର ବୁଲା

### ପାଣିରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ଖଇରା, ୨।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ବର୍ତ୍ତନା ଗ୍ରାମର ଗୁନୁଲତା ଦାସ(୩୫) ଭଦ୍ରକ ନିଳଗ ଗ୍ରାମର ରମେଶ ଜେନାଙ୍କୁ ବିବାହ କରିଥିବା ବେଳେ କିଛିଦିନ ତଳେ ନିଜର ୨ ଯାଆଁଳା ଝିଅଙ୍କ ସହ ବର୍ତ୍ତନାସ୍ଥିତ ବାପଘରକୁ ବୁଲିବାକୁ ଆସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ବାହାରକୁ ଯାଇ ଆଉ ଫେରି ନ ଥିଲେ । ପରିବାର ଲୋକେ ରାତିସାରା ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା । ଶନିବାର ସକାଳେ ତାଙ୍କର ମୃତଦେହ ଘରପାଖ ପୋଖରୀରୁ ଭାସମାନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଖଇରା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ସୋର ପଠାଇଛି।

## ପାଚିକା, ସହାୟିକା ସଂଘର ବିକ୍ଷୋଭ


ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ପାଚିକା ସହାୟିକା ସଂଘର କର୍ମକର୍ତ୍ତା।

ବାସୁଦେବପୁର, ୨।୯ (ନାରାୟଣ ପ୍ରସାଦ ବାରିକ୍)

ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ପକ୍ଷରୁ ୯ ଦଫା ଦାବି ନେଇ ବାସୁଦେବପୁର ଶାଖା ଶନିବାର ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ପାଚିକାମାନଙ୍କୁ ଶିକ୍ଷା ବିଭାଗରେ କର୍ମଚାରୀ ମାନ୍ୟତା, ପେନ୍‌ସନ, ଗ୍ରାଚ୍ୟୁଇଟି, ପିଏଫ୍ ଓ ଅନ୍ୟାନ୍ୟ ସୁବିଧା, ଛଟେଇ ହୋଇଥିବା ପାଚିକାଙ୍କୁ ପୁନଃ ନିଯୁକ୍ତି, ମଧ୍ୟାହ୍ନ ଭୋଜନ କାମ ବ୍ୟତୀତ ଅନ୍ୟ କାମରେ ନିୟୋଜିତ ନ କରିବା, ବର୍ଷକୁ ୨ ଖଣ୍ଡ ଶାଢ଼ି, ୧୦ ମାସ ପରିବର୍ତ୍ତେ ୧୨ ମାସର ଦରମା ପ୍ରଦାନ ଆଦି ଦାବିରେ ଶତାଧିକ ପାଚିକା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏଥିସହ ବିଇଓଙ୍କ ଅଫିସ୍ ଆଗରେ ବିକ୍ଷୋଭ ଓ ପ୍ରତିବାଦ ସଭା କରିଥିଲେ। ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ ନ କଲେ ଆଗକୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ମମତା ଜେନା ଓ ସୀତାରାଣୀ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ସଂଘର ଏକ ପ୍ରତିନିଧି ଦଳ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ମଧୁବାବୁ ପେନ୍‌ସନ ଭତ୍ତା ବାଣ୍ଟିଲେ ମନ୍ତ୍ରୀ

ରାଇବଣିଆ, ୨।୯(ନବୀନ ସାହୁ)

ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ୧୨ ପଞ୍ଚାୟତର ୭୪୮ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ ଜେନା, ବାଲେଶ୍ୱର ଏମ୍‌ପିଙ୍କ ଜଳେଶ୍ୱର ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଜଳେଶ୍ୱର ବିଡିଓ ପୁନମ ରାଉତ, ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ ଏବଂ ଜଳେଶ୍ୱର ସମାଜ ମଙ୍ଗଳ ଅଧିକାରିଣୀ ସନ୍ଧ୍ୟାରାଣୀ ସିଂ ସହିତ ୯ ନଂ. ଜୋନ୍‌ର ଲକ୍ଷ୍ମଣନାଥ, ଗୋବରଘଟା, କୋଟସାହି, ମହମ୍ମଦନଗରପାଟଣା, ଆରୁହା, ଗୋପିମୋହନପୁର, ସୁଗୋ, ଆର୍‌ଆର୍ ପୁର, ଶିଖରପୁର, ରାଜପୁର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

# 'ଯୁବ ଭୋଟର ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ'

## କେନ୍ଦୁଝରରେ ଆରମ୍ଭ ହେଲା 'ମୁଁ ବି ମିତା' କାର୍ଯ୍ୟକ୍ରମ

କେନ୍ଦୁଝର,୨।୯ (ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

ଯୁବ ଭୋଟରମାନେ ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ ଓ ପ୍ରତ୍ୟେକ ଭୋଟ ଗଣତନ୍ତ୍ରକୁ ଅଧିକ ଶକ୍ତିଶାଳୀ କରିଥାଏ ବୋଲି ଜିଲାପାଳ ଆଶିଷ ଠାକରେ ମତବ୍ୟକ୍ତ କରିଛନ୍ତି। ଶନିବାର ସ୍ଥାନୀୟ ଦରବାର ହଲଠାରେ 'ମୁଁ ବି ମିତା' ଅଭିଯାନର ଶୁଭାରମ୍ଭ କରି ଜିଲାପାଳ ଏହା କହିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଭୋଟ ଦେବା ଅଧିକାର ସାବ୍ୟସ୍ତ କରିବା ପାଇଁ ମୁଁ ବି ମିତା ଅଭିଯାନର ଶୁଭାରମ୍ଭ କରାଯାଇଛି। ଯାହାକି ଯୁବବର୍ଗଙ୍କ ପଞ୍ଜୀକରଣକୁ ବୃଦ୍ଧି କରିବ ଏବଂ ବିଶେଷ କରି ମହିଳା ଭୋଟରଙ୍କୁ ଅଧିକରୁ ଅଧିକ ପଞ୍ଜୀକରଣ କରିବା ଦିଗରେ ବିଶେଷ ସହାୟକ ହେବା ସହିତ ବୁଥସ୍ତରୀୟ ଅଧିକାରୀମାନଙ୍କୁ ଉତ୍ସାହିତ କରିବ ବୋଲି ଜିଲାପାଳ କହିଥିଲେ।

ଏହି ଅଭିଯାନରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ 'ମିତା ଦିଦି' ଭାବେ ଚୟନ କରାଯାଇଛି ଯେଉଁମାନେ ମହାବିଦ୍ୟାଳୟ ଓ ସାବାଳକମାନଙ୍କୁ ଭୋଟର ତାଲିକାରେ ପଞ୍ଜୀକରଣ କରିବା ଦିଗରେ ସଚେତନ କରାଇବେ। ୧୮ ବର୍ଷ ପ୍ରାପ୍ତ ହେବା ମାତ୍ରେ ଯୁବତୀଯୁବକମାନଙ୍କୁ ଭୋଟର ତାଲିକାରେ ପଞ୍ଜୀକୃତ କରିବାକୁ ପଦକ୍ଷେପ ନିଆଯାଉଛି। ମିତା ଦିଦିମାନେ ସ୍ୱେଚ୍ଛାସେବୀ ଭାବେ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରତିନିଧି ଭାବେ କାର୍ଯ୍ୟ କରିବାକୁ ଜିଲାପାଳ ଠାକରେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଡେପୁଟି କଲେକ୍ଟର (ନିର୍ବାଚନ) କିରଣ କୁମାର ନାଏକ, କେନ୍ଦୁଝରଗଡ଼ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମିତା ଦିଦିମାନଙ୍କୁ ଟୋପି ଓ ବ୍ୟାଜ୍ ପ୍ରଦାନ କରାଯାଇଥିଲା। ଆସିଷ୍ଟାଣ୍ଟ କଲେକ୍ଟର ରଶ୍ମିତା ସ୍ୱାଇଁ, ଜିଲା ନିର୍ବାଚନ କାର୍ଯ୍ୟାଳୟର ଏସଟାବ୍ଲିସମେଣ୍ଟ ଅଫିସର ସରୋଜ ସାହୁ ଏବଂ କର୍ମଚାରୀ ପ୍ରଭାତେନ୍ଦୁ ନାଏକ, ମୁକ୍ତିକାନ୍ତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



'ମୁଁ ବି ମିତା' ଅଭିଯାନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ସୁକାନ୍ତ


@ରୂପମ

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଶତାୟୁ ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

ଜଳେଶ୍ୱର, ୨।୯(ରବିନାରାୟଣ ପାତ୍ର)

ସ୍ୱାଧୀନତା ସଂଗ୍ରାମୀ ଶତାୟୁ ପୁରୁଷ ପୂର୍ଣ୍ଣଚନ୍ଦ୍ର ସେନାପତି (୧୦୪)ଙ୍କ ଗୁରୁବାର ପରଲୋକ ହୋଇଛି। ୧୯୨୦ ମସିହା ଅଗଷ୍ଟ ୧୪ରେ ଜନ୍ମଗ୍ରହଣ କରିଥିବା ପୂର୍ଣ୍ଣଚନ୍ଦ୍ର୧୯୩୬ ମସିହାରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ ସୂତାକଟା ଅଭିଯାନରେ ସାମିଲ ହୋଇଥିଲେ। ୧୯୪୬ରେ ହରିଜନ ଆନ୍ଦୋଳନରେ ସେ ସାମିଲ ହୋଇ 'ଅଛୁଆଁ କିଏ' କବିତା ଓ ପରେ ବାପୁଜୀ ନାମକ କବିତା ରଚନା କରି ଚର୍ଚ୍ଚାକୁ ଆସିଥିଲେ। ଭୂଦାନ ଆନ୍ଦୋଳନରେ ନିଜକୁ ସାମିଲ କରାଇ ନିଜର ପରିଚୟ ସୃଷ୍ଟି କରିଥିଲେ। ୨୦୨୨ରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ତାଙ୍କର ସ୍ୱାଧୀନତା ସଂଗ୍ରାମରେ ବିଶେଷ ଅବଦାନ ଲାଗି ସମ୍ବର୍ଦ୍ଧିତ କରିଥିଲେ। ବାରିପଦାରେ ରହୁଥିବା ପୁଅଙ୍କ ଘରେ ତାଙ୍କର ଜନ୍ମଦିନ ପାଳନ ହେଉଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ । ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବାରୁ ନିଜ ଗାଁ ଜଳେଶ୍ୱର ବ୍ଲକର ଶାନ୍ତିଆକୁ ଅଣାଯାଇଥିଲା। ମନ୍ତ୍ରୀ ଅଶ୍ୱିନୀ ପାତ୍ର, ପୌର ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ପୌର ଅଧିକାରୀ ଅଜୟ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ତହସିଲଦାର ମିହିର ରଞ୍ଜନ ବେହେରା ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଛନ୍ତି ।

## ୪୦୩ ୟୁନିଟ୍ ରକ୍ତ ସଂଗ୍ରହ


ରକ୍ତଦାତାଙ୍କ ଗହଣରେ ଉପସ୍ଥିତ ଅତିଥିମାନେ।

ବାରିପଦା,୨।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ବାରିପଦା ପୌରପରିଷଦ ଆନୁକୂଲ୍ୟରେ ଶୁକ୍ରବାର ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୌରପାଳିକାର କଲ୍ୟାଣ ମଣ୍ଡପଠାରେ ଓଡ଼ିଶା ମୋ ପରିବାର ଓ ଜୀବନବିନ୍ଦୁ ପକ୍ଷରୁ ଆୟୋଜିତ ଶିବିରରେ ମୋଟ ୪୦୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି, ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି, ଉପାଧ୍ୟକ୍ଷ ସୀମା ଦାସ ଏବଂ ସମସ୍ତ କାଉନସିଲରମାନେ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ପୌର ପରିଷଦର ସମସ୍ତ ୨୮ କାଉନସିଲରଙ୍କ ସହଯୋଗରେ ଏହି ରକ୍ତଦାନ ଶିବିର ସଫଳ ହୋଇଥିଲା ବାରିପଦାସ୍ଥିତ ଓଡ଼ିଶା ରକ୍ତ ଭଣ୍ଡାରର ଡାକ୍ତର, ଟେକ୍ନିସିଆନ ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

## ପିକ୍‌ଅପ୍ ପଛକୁ ପିଟିଲା ଆମ୍ବୁଲାନ୍ସ

### ଫାର୍ମାସିଷ୍ଟଙ୍କ ସମେତ ୩ ଗୁରୁତର

ରୂପସା(ବାଞ୍ଛାନିଧି ଦେ)/ ବସ୍ତା(ହରିଶଙ୍କର ପାଢୀ), ୨।୯

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ମିରିଗିମୁଣ୍ଡି ଛକ ନିକଟରେ ଶନିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସର ଫାର୍ମାସିଷ୍ଟଙ୍କ ସମେତ ୩ଜଣ ଗୁରୁତର ଆହତ ହୋଇଛନ୍ତି।

ଭୋର୍ ସମୟରେ ଏକ ପିକଅପ୍ ଜଳେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିଲା ବେଳେ ଭୋଗରାଇ ବ୍ଲକ ଜଳେଶ୍ୱରପୁରରୁ ରୋଗୀନେଇ ଏକ ଆମ୍ବୁଲାନ୍ସ ବାଲେଶ୍ୱର ଆସୁଥିଲା। ଉକ୍ତ ପିକଅପ୍ ମିରିଗିମୁଣ୍ଡି ଛକ ନିକଟରେ ହଠାତ୍ ବ୍ରେକ ମାରିବା ଯୋଗୁ ଆମ୍ବୁଲାନ୍ସ ପଛପଟୁ ଧକ୍କା ଦେଇଥିଲା। ଫଳରେ ଆମ୍ବୁଲାନ୍ସ ସାମ୍ନାରେ ବସିଥିବା ହେଲପର୍ ଓ ଫାର୍ମାସିଷ୍ଟ ଗୁରୁତର ହୋଇଥିଲା ବେଳେ ଡ୍ରାଇଭର ଆହତ ହୋଇଥିଲେ। ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଗୁରୁତରଙ୍କୁ ଅନ୍ୟ ଏକ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା ବେଳେ ଡ୍ରାଇଭରଙ୍କୁ ରୁପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଦୁର୍ଘଟଣାରେ ଆମ୍ବୁଲାନ୍ସରେ ଥିବା ରୋଗୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସେମାନଙ୍କୁ ମଧ୍ୟ ଅନ୍ୟ ଏକ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରୂପସା ପୋଲିସ ପହଞ୍ଚି ୨ଟି ଗାଡ଼ିକୁ ଜବତ କରି ଅଧିକ ତଦନ୍ତ କରୁଛି।

**ଅକ୍ସିଜେନ ଗ୍ୟାସ ସିଲିଣ୍ଡର ଲୁଟ୍, ୨ ଗିରଫ**

ରାଇରଙ୍ଗପୁର,(ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ବହଳଦା ବଜାରସ୍ଥିତ ଏକ ୱେଲଡିଙ୍ଗ ଦୋକାନରୁ ଅକ୍ସିଜେନ ଗ୍ୟାସ ସିଲିଣ୍ଡର ଲୁଟ ଅଭିଯୋଗରେ ଶନିବାର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବହଳଦା ଥାନା ଅନ୍ତର୍ଗତ ବଡ଼ଦୁନ୍ଦୁ ଗ୍ରାମର ମହମ୍ମଦ ମଜିଦ ଓ ତାଙ୍କ ସହଯୋଗୀ ସୁଶାନ୍ତ ସିଂ। ଏନେଇ ଥାନାରେ ଏକ ମାମଲା (ନଂ.୧୦୬/୨୩) ରୁଜୁ ହୋଇଥିଲା।

## ସଂକ୍ଷେପରେ

### ନିଖୋଜ ପୁଅର ସନ୍ଧାନ ନ ପାଇ ଦୁଶ୍ଚିନ୍ତାରେ ପରିବାର

**ସିମୁଳିଆ ପରିବର୍ତ୍ତେ ବାଲେଶ୍ୱରରେ ଓହ୍ଲାଇଥିଲେ**

ତିହିଡ଼ି,୨।୯(ସଞ୍ଜିତ ବଳ)–ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ସାହାପୁର ପଞ୍ଚାୟତ ବଡ଼ଲହୁଣିପାଳ ଗ୍ରାମର ଶଶିକାନ୍ତ କବିଙ୍କ ପୁଅ ପ୍ରୀତିରଞ୍ଜନ(୧୭) ୨ଦିନ ହେଲା ନିଖୋଜ ଅଛନ୍ତି। ତାଙ୍କ



ସନ୍ଧାନ ନ ପାଇ ପରିବାର ଲୋକେ ଦୁଶ୍ଚିନ୍ତାରେ ରହିଛନ୍ତି। ପୀରହାଟରୁ ବସ୍‌ରେ କଲେଜକୁ ଯାଇ ସିମୁଳିଆ ପରିବର୍ତ୍ତେ ବାଲେଶ୍ୱରରେ ଓହ୍ଲାଇବା ପରେ ସେ ନିଖୋଜ ହୋଇଯାଇଛନ୍ତି। ତାଙ୍କ ବାପା ଶୁକ୍ରବାର ଏନେଇ ପୀରହାଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ପ୍ରୀତିରଞ୍ଜନ ସିମୁଳିଆସ୍ଥିତ ଏକ କଲେଜରେ ଯୁକ୍ତ ୨ ଛାତ୍ର। ଗୁରୁବାର ସକାଳ ୯ଟାରେ ଚାନ୍ଦବାଲିରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବସ୍‌ରେ ସେ ସିମୁଳିଆ ଯାଇଥିଲେ। ମାତ୍ର ସେଠାରେ ନ ଓହ୍ଲାଇ ସେ ବାଲେଶ୍ୱର ଚାଲିଯାଇଥିବା ବସ୍ କଣ୍ଡକ୍ଟରଙ୍କଠାରୁ ସୂଚନା ମିଳିଥିଲା। ଅପରାହ୍ନ ସୁଦ୍ଧା ତାଙ୍କର ଫୋନ କଲ୍ ନ ଆସିବାରୁ ତାଙ୍କ ବାପା ନିରୁପାୟ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଧାମନଗରରେ ନୂଆ ଥାନା ଅଧିକାରୀ

ଧାମନଗର, ୨।୯(ଦେବେନ୍ଦ୍ର ଆଢ଼ିଆ): ଭଦ୍ରକ ଜିଲା ଧାମନଗର ଥାନାର ଭାରପ୍ରାପ୍ତ ଅଧିକାରୀ ଭାବେ ଇନ୍ସପେକ୍ଟର ଫନିନ୍ଦ୍ର ଭୂଷଣ ନାଏକ ଯୋଗ ଦେଇଛନ୍ତି। ମୟୂରଭଞ୍ଜ ଜିଲାରୁ ବଦଳି ହୋଇ ଭଦ୍ରକ ଜିଲା ପୋଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଯୋଗଦେଇ ସେ ଧାମନଗର ଥାନାକୁ ଆସି ଦାୟିତ୍ୱଗ୍ରହଣ କରିଛନ୍ତି। ନୂତନ ଥାନା ଅଧିକାରୀଙ୍କୁ ଧାମନଗର ଥାନା କର୍ମଚାରୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଧାମନଗର ଭଳି ଥାନାରେ କିପରି ଆଇନଶୃଙ୍ଖଳା ସ୍ଥିତିରେ ସୁଧାର ଆସିପାରିବ ସେ ଦିଗରେ ଯତ୍ନବାନ ରହିବେ ବୋଲି ସେ ପ୍ରକାଶ କରିଥିଲେ।

### ଭାଜପାର ପ୍ରତିବାଦ

ଆରଡ଼ି, ୨।୯ (ଦୀପ୍ତି ରଞ୍ଜନ ନାୟକ)– ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମଠଡିହ ବଜାରରେ ଓଳଗ ପଞ୍ଚାୟତ ଭାଜପା ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଦୀପକ ରଞ୍ଜନ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଭାଜପା ଆଖଣ୍ଡଳମଣି ଜୋନ୍ ସଭାପତି କିଶୋର ନାୟକ, ଭାଜପା ନେତା ସ୍ୱଦେଶ ପଣ୍ଡା, ଜୀବନାନନ୍ଦ ପାଢ଼ୀ, ସୁବ୍ରତ ବିଲାସ, ସନ୍ଦୀପ ନାୟକ, ସୁରେଶ ମହାଲିକ, ନିରାକାର ନାୟକ, ପଦ୍ମଲୋଚନ ବାରିକ, ଦୁଷ୍ମନ୍ତ ବାରିକ, ରାଜକିଶୋର ବାରିକ ପ୍ରମୁଖ ପଞ୍ଚାୟତରେ ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନରେ ହୋଇଥିବା ଦୁର୍ନୀତିକୁ ବ୍ଲକ ଓ ଜିଲା ପ୍ରଶାସନିକ ଅଧିକାରୀ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ସହ ପ୍ରତିବାଦ କରିଥିଲେ।

**ସେତୁ ନିର୍ମାଣ କାମ**

# ସରିଛି ଘୋଷଣା, ଆରମ୍ଭକୁ ଅପେକ୍ଷା

ବାରିପଦା,୨।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଶିଆଳିଘାଟି ଓ ପାଉଁଶିଆ ପଞ୍ଚାୟତବାସୀଙ୍କ ଦୀର୍ଘ ଦିନ ଦାବି ପରେ ସେତୁ ନିର୍ମାଣ ଲାଗି ପଥ ପରିଷ୍କାର ହୋଇଛି। ଏ ନେଇ ଗ୍ରାମବାସୀ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫–ଟି ସଚିବଙ୍କୁ କୃତଜ୍ଞତା ଜଣାଇବା ସହ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ନିବେଦନ କରିଛନ୍ତି। ସେତୁ ନିର୍ମାଣ ହେଲେ ଜଳବନ୍ଦୀରେ ରହୁଥିବା ଲୋକେ ଉପକୃତ ହୋଇପାରିବେ ବୋଲି ସେମାନେ କହିଛନ୍ତି।

ବଡ଼ସାହି ବ୍ଲକ ମୁଖ୍ୟାଳୟଠାରୁ ୧୫କି.ମି. ଦୂରରେ ବାଘୁଆପାଳ, ପତରାପଦା, ମାଙ୍କଡାପାଳ ଓ ଭଞ୍ଜବାଟି ଗ୍ରାମ ଅବସ୍ଥିତ। ଏହି ୪ ଗ୍ରାମରେ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ବର୍ଷା ଦିନେ ବୁଢ଼ାବଳଙ୍ଗ ନଦୀର ଉଦ୍‌ବତ୍ତ ପାଣି ଗ୍ରାମରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଥାଏ। କିଛି ବର୍ଷ ପୂର୍ବେ କୁଆପାଳ, ମୁକ୍ତାପୁର ଓ ନୀଳକଣ୍ଠପୁର ଗ୍ରାମ ନଦୀ ଗର୍ଭରେ ଲୀନ ହୋଇଯାଇଛି। ଏଭଳି ସମସ୍ୟାକୁ ନେଇ ଅନେକ ପରିବାର ଗାଁ ଛାଡ଼ି ଅନ୍ୟତ୍ର ବସବାସ କରୁଛନ୍ତି। ପ୍ରତି ବର୍ଷ ବନ୍ୟା ପାଣି ଗ୍ରାମରେ ପଶିବା ଦ୍ୱାରା ଗୃହପାଳିତ ପ୍ରାଣୀ ବିଶେଷ ଭାବେ ପ୍ରଭାବିତ ହୋଇଥାନ୍ତି। ବ୍ୟାପକ ଫସଲ ନଷ୍ଟ ହୋଇଥାଏ। ପାଣି ଘେରରେ ବାଘୁଆପାଳ ଓ ଭଞ୍ଜବାଟୀ ଗ୍ରାମର ଲୋକମାନେ ଜଳବନ୍ଦୀ ହୋଇ ରହିଥାନ୍ତି। ରାସ୍ତାଘାଟ ଧୋଇ ନଷ୍ଟ ହେବା ଦ୍ୱାରା ଜରରୀକାଳୀନ ସେବା ପାଇବାରୁ ବଞ୍ଚିତ ହୋଇଥାନ୍ତି। ପାଣି ଛାଡ଼ିବା ପରେ ଦୀର୍ଘ ୧୫କି.ମି. ବୁଲି ମୁଖ୍ୟାଳୟକୁ ଯିବା ଆସିବା କରିଥାନ୍ତି। ଏପରି ସ୍ଥଳେ ଗ୍ରାମବାସୀଙ୍କ ଗମନାଗମନର ସୁବିଧା ନିମନ୍ତେ ବଳଭଦ୍ରପୁର ପଞ୍ଚାୟତର ସିଂହଟିଆ ଗ୍ରାମରୁ ବାଘୁଆପାଳ ଗ୍ରାମକୁ ସଂଯୋଗ ପାଇଁ ଏକ ପୋଲ ନିର୍ମାଣ ଲାଗି ଦାବି ହୋଇଥିଲା। ଏହି ପୋଲ ନିର୍ମାଣ ହେଲେ ବଳଭଦ୍ରପୁର, ଶିଆଳୀଘାଟି ଓ ପାଉଁଶିଆ ଆଦି ପଞ୍ଚାୟତର ୨୫ହଜାରରୁ ଊର୍ଦ୍ଧ୍ୱ ଲୋକ ମୁଖ୍ୟାଳୟକୁ ସୁରୁଖୁରୁରେ



ସେତୁ ନିର୍ମାଣ ଲାଗି ଦାବି କରୁଥିବା ଅଞ୍ଚଳବାସୀ।

ଯାତାୟାତ କରିବା ସହିତ ସେମାନଙ୍କ ଆର୍ଥିକ ବିକାଶ ସମ୍ଭବ ହୋଇପାରିବ ବୋଲି ଦାବି କରିଥିଲେ। ତେବେ ମୟୂରଭଞ୍ଜ ଜିଲା ଗସ୍ତରେ ଆସି ଫେରିଥିବା ୫–ଟି ସଚିବ ଭି.କେ.ପାଣ୍ଡିଆନଙ୍କୁ ଅଭିଯୋଗ କରିବା ପରେ ବଡ଼ସାହି ବ୍ଲକ ବାଘୁଆପାଳ–ସିଂହଟିଆରେ ବିଜୁ ସେତୁ ନିର୍ମାଣ କରିବାକୁ ସରକାରୀ ସ୍ତରରେ ମଞ୍ଜୁରୀ ପ୍ରଦାନ କରାଯାଇଛି। ଗ୍ରାମରେ ସେତୁ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଥିବା ବେଳେ ଅଞ୍ଚଳବାସୀଙ୍କ ସମସ୍ୟାକୁ ସମାଧାନ କରିବା ନେଇ ସବୁଜ ସଙ୍କେତ ମିଳିସାରିଛି। ବିଭାଗୀୟ ଆକଳନ ଓ ବ୍ୟୟବରାଦ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଦାନ ରାଶି ଘୋଷଣା କରିବାକୁ ବାକି ରହିଛି। ତେବେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ପାଇଁ ଗ୍ରାମବାସୀମାନେ ନିବେଦନ କରିଛନ୍ତି।

### ପେନ୍‌ସନ ଟଙ୍କା ନ ଦେବାରୁ ମା’ଙ୍କୁ ମାଡ଼

ଖଇରା, ୨।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସୁଣ୍ଡିରା ଗ୍ରାମରେ ପେନସନ ଟଙ୍କା ନ ଦେବାରୁ ମା’ ସାବିତ୍ରୀ ଦଳେଇଙ୍କୁ ବଡପୁଅ ମାଡ ମାରି ଆହତ କରିଥିବା ଖଇରା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ସାବିତ୍ରୀଙ୍କୁ ଫ୍ୟାମିଲି ପେନସନ ଭାବେ ୯ହଜାର ୫ଶହ ଟଙ୍କା ମିଳୁଥିବା ବେଳେ ପୁଅ ଉଠାଇ ନେଉଥିଲେ। ଯେଉଁଥିପାଇଁ ମା’ଙ୍କୁ ଚଳିବା ମୁସ୍କିଲ ହୋଇପଡିଥିଲା। ଚଳିତ ମାସରେ ସାବିତ୍ରୀ ନିଜ ପେନସନ ଉଠାଇ ଆଣିବାରୁ ରାଗରେ ପୁଅ ମା’ଙ୍କୁ ମାଡ଼ ମାରି ଆହତ କରିଥିଲେ। ଆହତ ସାବିତ୍ରୀଙ୍କୁ ଝିଅମାନେ ସାଥିରେ ଆଣି ଚିକିତ୍ସା କରାଇବା ପରେ ଥାନାକୁ ଆଣି ଲିଖିତ ଅଭିଯୋଗ କରିଥିଲେ। ଖଇରା ପୋଲିସ ତଦନ୍ତ ଜାରି ରଖିଛି।

## ‘ଲୋକାଭିମୁଖୀ ଯୋଜନାରୁ ଯୋଗ୍ୟ ହିତାଧିକାରୀ ବାଦ୍ ନ ପଡ଼ନ୍ତୁ’




କାର୍ଯ୍ୟକର୍ତ୍ତା ବୈଠକରେ ବିଜେଡି ନେତୃବୃନ୍ଦ।

ବାଲେଶ୍ୱର, ୨।୯ (ମାନସ ବିଶ୍ୱାଳ)

**ବିଜେଡିର କାର୍ଯ୍ୟକର୍ତ୍ତା ବୈଠକ**

ବାଲେଶ୍ୱର ସଦର ବ୍ଲକ ବିଜେଡି ପକ୍ଷରୁ ଷ୍ଟେଶନ କ୍ଲବ ସମ୍ମିଳନୀ କକ୍ଷରେ ମୁଖ୍ୟ କାର୍ଯ୍ୟକର୍ତ୍ତା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା ସଭାପତିତ୍ୱ କରିଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। କୌଣସି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡନ୍ତି ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇ ଦଳର ପ୍ରତ୍ୟେକ କର୍ମୀ ଦଳର ମାଇଲଖୁଣ୍ଟ ସଦୃଶ, ସେମାନେ ସୁଦୃଢ଼ ହେଲେ ଦଳ ଅଧିକରୁ ଅଧିକ ଶକ୍ତିଶାଳୀ ହେବ ବୋଲି କହିଥିଲେ। ତେଣୁ ଆଗାମୀ ନିର୍ବାଚନରେ ସମସ୍ତେ ଏକ ହୋଇ କାର୍ଯ୍ୟ କରିବା ସହ ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିଜେଡି ଜିଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ଜିଲା ସମ୍ପାଦକ ମନୋଜ ରାଉତ, ବିଜେଡି ଜିଲା ଯୁଗ୍ମ ସମ୍ପାଦକ ଗୋବିନ୍ଦ ପାତ୍ର, ୨୬ନଂ. ଜିଲା ପରିଷଦ ସଭ୍ୟା ସୋନାଲି ବିଶ୍ୱାଳ, ବରିଷ୍ଠ ବିଜେଡି ନେତା ଗୌରି ବାରିକ, ସଦର ବ୍ଲକ ଉପାଧ୍ୟକ୍ଷ ଚୈତନ୍ୟ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ସଦର ବ୍ଲକର ୩୭ଟି ପଞ୍ଚାୟତର ସମସ୍ତ ବିଜେଡି ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟଙ୍କ ସହ ସମସ୍ତ ପଞ୍ଚାୟତ ସଭାପତି ଏବଂ ଗତ ପଞ୍ଚାୟତ ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନେ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ନିର୍ବାଚନମଣ୍ଡଳୀ ଯୁବ ସଭାପତି ସେକ୍ ଅନସର, ସଦର ବ୍ଲକ ଯୁବ ସଭାପତି ଦିଲୀପ ମହାନ୍ତି, ସଦର ବ୍ଲକ ଯୁବ କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟକାନ୍ତ ବେହେରା, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡ଼ି, ଜୋନାଲ ଯୁବ ସାଧାରଣ ସମ୍ପାଦକ ତଥା ସଦର ବିଜେଡି ମିଡ଼ିଆ ସଂଯୋଜକ ଧୀରେନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

### ଚେକ୍ ବାଉନ୍ସ ମାମଲାରେ ଜରିମାନା

ବୈଶିଙ୍ଗା,୨।୯(ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ଜେଏମ୍‌ଏଫ୍‌ସି କୋର୍ଟ ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଜରିମାନା ସହ ୧୦ ଲକ୍ଷ ୫୦ ହଜାର ଟଙ୍କା ମାସକ ଭିତରେ ପଇଠ କରିବାକୁ ଆଦେଶ ଦେଇଛନ୍ତି। ଅନ୍ୟଥା ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି।

ନୂଆଗାଁ ଅଞ୍ଚଳର ସୁଧାଂଶୁ ଦାସଙ୍କ ଅଭିଯୋଗ ଅନୁଯାୟୀ, ସେ ମାଣତ୍ରୀ ବୈଶିଙ୍ଗା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏକ ଢାବା ଚଳାଇଥିବା ବେଳେ ଖଣ୍ଡଦେଉଳିଆ ଗ୍ରାମର ରଜତ ବିନ୍ଧାଣି ତାଙ୍କ ସହିତ ବନ୍ଧୁତା ଜମାଇ ୧୦ ଲକ୍ଷ ଟଙ୍କା ଧାର ସୂତ୍ରରେ ନେଇଥିଲେ। ବଦଳରେ ୧୦ଲକ୍ଷ ଟଙ୍କାର ଏକ ଚେକ୍ ଦେଇଥିଲେ। ତେବେ ଧାର୍ଯ୍ୟ ସମୟରେ ସେ ଟଙ୍କା ନ ଫେରାଇବାରୁ ସୁଧାଂଶୁ ଚେକ୍‌କୁ ବ୍ୟାଙ୍କରେ ଦାଖଲ କରିଥିଲେ। ତେବେ ଚେକ୍ ବାଉନ୍ସ ହେବାରୁ ସୁଧାଂଶୁ ଅଭିଯୁକ୍ତଙ୍କ ବିରୋଧରେ ଏତଲା ଦେଇଥିଲେ। ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ବ୍ରଜେନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଗୋଚର ଜମିରେ ପ୍ଲାଣ୍ଟ ନିର୍ମାଣକୁ ବିରୋଧ

ବାହାନଗା, ୨।୯(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଖନ୍ତାପଡା ପଞ୍ଚାୟତ ଭଗତପୁର ଗ୍ରାମରେ ଥିବା ଗୋଚର ଜମିରେ ନାଟନୋଭ ବାୟୋସାଇନ୍ସ ପ୍ଲାଣ୍ଟ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଭଗତପୁର ଗ୍ରାମ ନିକଟରେ ବାଲେଶ୍ୱର ଅଞ୍ଚଳର ଜଣେ ବ୍ୟକ୍ତି ପ୍ରଥମେ ସେହି ଗ୍ରାମକୁ ଯାଇ କିଛି ଲୋକଙ୍କଠାରୁ ଜମି କିଣିଥିଲେ। ସେହି ଜମିରେ ସେ ଘର କରି ରହିବେ ବୋଲି ଲୋକଙ୍କୁ କହିଥିଲେ। ଜମି କିଣି ସାରିବା ପରେ ସେଠାରେ ଏକ ଘର କରିଥିଲେ। ସେହି ଘର ଓ ଜମିକୁ ଲାଗି ଗ୍ରାମବାସୀଙ୍କ ଗୋଚର ଜମି ଥିଲା। ସେହି ଗୋଚର ଜମିକୁ ସେ ନିଜ ଜମି ସହିତ ମିଶାଇ ଅବରୋଧ କରିନେଇଛନ୍ତି। ଏବେ ସେହି ଜମି ଉପରେ ନାଟନୋଭ ବାୟୋସାଇନ୍ସ ପ୍ଲାଣ୍ଟ ପ୍ରତିଷ୍ଠା କରି କାମ ଆରମ୍ଭ କରିଛନ୍ତି। ମାତ୍ର ଗ୍ରାମକୁ ଯାଇଥିବା ରାସ୍ତା କାର୍ତ୍ତିକ ଚନ୍ଦ୍ର ପଣ୍ଡା ନାମକ ବ୍ୟକ୍ତିଙ୍କ ୩୦ ଡିସିମିଲି ଜମି ଉପରେ ତାଙ୍କର ଘରୋଇ ରାସ୍ତା ଯାଇଛି। ସେହି ରାସ୍ତା ଏବେ ପ୍ଲାଣ୍ଟ ଯୋଗୁ ମରଣଯନ୍ତା ପାଲଟିଛି। ଫଳରେ ସେହି ରାସ୍ତା ଦେଇ ଖନ୍ତାପଡା, ବାଲେଶ୍ୱର ସମେତ ବିଭିନ୍ନ ବିଦ୍ୟାଳୟକୁ ଗ୍ରାମର ଲୋକ ଓ ଛାତ୍ରୀଛାତ୍ରମାନେ ବ୍ୟକ୍ତିଗତ ରାସ୍ତାରେ ଯାତାୟାତ କରୁଥିବାରୁ ସେମାନେ ଏବେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ଲାଣ୍ଟକୁ ବଡ ବଡ ଗାଡି ଯିବା ଫଳରେ ଗ୍ରାମ ଭିତରକୁ ଆମ୍ବୁଲାନ୍ସ ଯାଇପାରୁନାହିଁ। ଅନ୍ୟପକ୍ଷରେ ପ୍ଲାଣ୍ଟ ମାଲିକ ଗୋଚର ଜମିକୁ ଅବରୋଧ କରିନେଇଥିବା ଯୋଗୁ ଗୃହପାଳିତ ପ୍ରାଣୀମାନେ ଚରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ଲାଣ୍ଟ ଯୋଗୁ ଚାଷୀମାନେ ନିଜ ଚାଷ ଜମିକୁ ଯାତାୟାତ କରିବାରେ ବାଧା ଦେଖାଦେଇଛି। ବନ୍ୟାରୁ ରକ୍ଷା ନିମନ୍ତେ ଜଳ ନିଷ୍କାସନ ବ୍ୟବସ୍ଥା ହୋଇ ନ ଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମର ବାସନ୍ତୀ ସିଂ, ପ୍ରତାପ ସିଂ, ବିନୋଦ ମହାକୁଡ, ପୂର୍ଣ୍ଣଚନ୍ଦ୍ର ମୁଦୁଲି, ରବୀନ୍ଦ୍ର ଖିଲାର, ବିଜୟ ନାରାୟଣ ସେଠୀ, କମଳାକାନ୍ତ ଖିଲାର, ଯଦୁନାଥ ମହାଲିକ, ଜଗବନ୍ଧୁ ବାରିକ, ସନ୍ତୋଷ ଖିଲାର, ତାପସ ମୁଦୁଲି ପ୍ରମୁଖ ବାଲେଶ୍ୱର ଜିଲାପାଳ ଓ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡଠାରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ନିଖୋଜ ମହିଳାଙ୍କ ମୃତଦେହ ସାଳନ୍ଦୀରୁ ମିଳିଲା

ଠାକୁରମୁଣ୍ଡା,୨।୯(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ମହୁଲଡ଼ିହା ଥାନା ଅଧୀନ ଡଙ୍ଗାଡ଼ିହା ଗ୍ରାମ ଦେଇ ଯାଇଥିବା ସାଳନ୍ଦୀ ନଦୀରେ ଶୁକ୍ରବାର ସନ୍ଧ୍ୟାରେ ଭାସି ଯାଇ ନିଖୋଜ ଥିବା ଜଣେ ମହିଳାଙ୍କ ମୃତଦେହ ଶନିବାର ସକାଳେ ଅଗ୍ନିଶମ ବିଭାଗ ଦାରା ଉଦ୍ଧାର ହୋଇଛି। ମୃତ ମହିଳା ଜଣକ ହେଲେ ଡଙ୍ଗାଡ଼ିହା ଗ୍ରାମ ଘୁଟୁସାହିର ସିନୁ ପିଙ୍ଗୁଆଙ୍କ ସ୍ତ୍ରୀ ଗୁରୁବାରୀ। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ହାଟସାରି ଗୁରୁବାରୀ ସାହିର ଜଣେ ମହିଳାଙ୍କ ସହିତ ଘରକୁ ଯିବା ପାଇଁ ସାଳନ୍ଦୀ ନଦୀ ପାଣିରେ ପଶି ପାରି ହେଉଥିବା ବେଳେ ଭାସି ଯାଇଥିଲେ।

## ପଞ୍ଚାୟତ ଖେଳପଡ଼ିଆର ଉନ୍ନତୀକରଣ ଦାବି

ଚମ୍ପୁଆ,୨।୯ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅଧୀନ ଜାଲି ପଞ୍ଚାୟତର ଖେଳପଡ଼ିଆ ଉନ୍ନତୀକରଣ ନାମରେ ସ୍ଥାନାନ୍ତରକୁ ବିରୋଧ କରିଛନ୍ତି ଗ୍ରାମବାସୀ। ପଞ୍ଚାୟତ ସମ୍ମୁଖରେ ଥିବା ବିରାଟ ଖେଳପଡ଼ିଆକୁ ଡିଏମ୍‌ଏଫ୍ ଅର୍ଥ ଦ୍ୱାରା ଉନ୍ନତୀକରଣ ପାଇଁ ଶନିବାର ଗ୍ରାମବାସୀ ଚମ୍ପୁଆ ଉପଜିଲାପାଳ ସୁକାନ୍ତ କୁମାର ମାଝିଙ୍କୁ ଭେଟିଛନ୍ତି। ପଞ୍ଚାୟତ ଖେଳପଡ଼ିଆଟି ୧୩ ଏକର ୧୮ ଡିସିମିଲ ଜାଗାରେ ରହିଥିବା ବେଳେ ହାଇସ୍କୁଲ ପଡ଼ିଆକୁ ଉନ୍ନତୀକରଣ କରାଯିବାକୁ ସେମାନେ ବିରୋଧ କରିଛନ୍ତି। ଏହି ଖେଳପଡ଼ିଆରେ ୬ ବର୍ଷ ହେବ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେଉଥିବା ବେଳେ ଏଠାରେ ଗାଡ଼ି ପାର୍କିଂ ଓ ଉଠା ଦୋକାନ ବସିବାର ମଧ୍ୟ ଅନେକ ସୁବିଧା ରହିଛି। କିନ୍ତୁ ଏହି ଖେଳପଡ଼ିଆର ଉନ୍ନତୀକରଣ ପାଇଁ ଖର୍ଚ୍ଚ ନ କରି ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଖର୍ଚ୍ଚ କରିବାକୁ ଚକ୍ରାନ୍ତ କରାଯାଉଛି। ହାଇସ୍କୁଲ ପଡ଼ିଆଟି ଖୁବ୍ ଛୋଟ ଏବଂ ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ ବେଳେ ଡାକବାଜି ଯନ୍ତ୍ର ଦ୍ୱାରା ପିଲାମାନଙ୍କ ଶିକ୍ଷାଦାନ ବ୍ୟାହତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏହି ପଡ଼ିଆର ଉନ୍ନତୀକରଣ କରାଗଲେ ଟ୍ରାଫିକ ସମସ୍ୟା ମଧ୍ୟ ଉପୁଜିବ। ପୂର୍ବରୁ ତହସିଲଦାର ଓ ବିଡିଓଙ୍କୁ ଏହି ସମସ୍ୟା ବାବଦରେ ଅବଗତ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ସେମାନେ ଦର୍ଶାଇଛନ୍ତି। ଏନେଇ ଉପଜିଲାପାଳ ମାଝି ବିଡିଓଙ୍କୁ ଗାଁକୁ ଯାଇ ଉକ୍ତ ଘଟଣାର ତଦନ୍ତ କରିବା ସହ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଲୋକକଳା ମାଧ୍ୟମରେ ଆଇଇସି ଅଭିଯାନ

ଭଦ୍ରକ, ୨।୯
(ସନାତନ ରାଉତ/ରବିନାରାୟଣ ଖିଲାର)

**ଜିଲାସ୍ତରୀୟ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ**

ଓଡ଼ିଶା ପାରମ୍ପରିକ ଲୋକକଳା ମାଧ୍ୟମରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ନେଇ ସରକାରୀ ଜନହିତକର ଯୋଜନା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ପାଇଁ ଆରମ୍ଭ ହୋଇଥିବା ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଏବଂ ଜିଲା ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ସଂସ୍କୃତି ଭବନଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଅନ୍ତିମ ଦିନରେ ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ରଶିକ୍ଷଣ ବିଷୟବସ୍ତୁକୁ ନେଇ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଧାମନଗରର ମୋଗଲ ତାମସା ଅନୁଷ୍ଠାନ ‘ସାଂସ୍କୃତିକା’ର କଳାକାରମାନଙ୍କ ଦ୍ୱାରା ଭଦ୍ରକ ଜିଲାର ସ୍ୱତନ୍ତ୍ର ଓ ନିଆରା ଲୋକନାଟ୍ୟ ମୋଗଲ ତାମସା ଜରିଆରେ ପରିବେଷିତ ଆଇଇସି (ସୂଚନା, ଶିକ୍ଷା ଓ ଯୋଗାଯୋଗ)କାର୍ଯ୍ୟକ୍ରମ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ମିଶନ ଶକ୍ତିର ଜିଲା ସଂଯୋଜକ ଅଭିକ୍ ନାରାଇନ୍ ଶିବିରରେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କ ଉଦ୍ଦେଶ୍ୟରେ ମିଶନ ଶକ୍ତି ଯୋଜନାରେ ସରକାରଙ୍କ ମହିଳା ସଶକ୍ତୀକରଣ ଆଭିମୁଖ୍ୟ ବିଷୟରେ ବୁଝାଇଥିଲେ। ବିଶିଷ୍ଟ କଳାକାର ବାଦଲ କୁମାର ସିକ୍‌ଦାର ଏବଂ ନବ କୁମାର ଲେଙ୍କା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶିବିରରେ ପ୍ରଶିକ୍ଷକ ଓ କଳାକାରମାନେ।

### ହାଇଦ୍ରାବାଦରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଭୋଗରାଇ, ୨।୯(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବନାବସାଣ ଗ୍ରାମର ମୁନା ବେହେରାଙ୍କ ସ୍ତ୍ରୀ ବର୍ଷାଙ୍କ ହାଇଦ୍ରାବାଦରେ ସନ୍ଦେହଜନକ ମୃତ୍ୟୁ ହୋଇଥିବା ଖବର ମିଳିଛି। ମହିଳାଙ୍କ ମୃତଦେହ ଏକ ଘରୋଇ ଆମ୍ବୁଲାନ୍ସରେ ଗାଁକୁ ଅଣାଯିବା ପରେ ବାପଘର ଲୋକେ ତାଙ୍କ ଝିଅଙ୍କୁ ତାଙ୍କ ସ୍ୱାମୀ ଯୌତୁକ ପାଇଁ ମାରିଦେଇଥିବା ଭୋଗରାଇ ଥାନାରେ ଏତଲା ଦେଇଛନ୍ତି। ଭୋଗରାଇ ଥାନାରେ ପୋଲିସ ଏକ ମାମଲା(ନଂ. ୨୬୭/୨୩) ରୁଜୁ କରି ପ୍ରାଥମିକ ତଦନ୍ତ ଜାରି ରଖିଛି। ଉକ୍ତ ଗ୍ରାମର ମୁନା ବେହେରା ୩ବର୍ଷ ପୂର୍ବେ ଜଳେଶ୍ୱର ଥାନା ନାମ୍ପୋ ଗ୍ରାମର ବର୍ଷାଙ୍କୁ ଭଲପାଇ ବିବାହ କରିଥିଲେ। ବିବାହ ପରେ ବର୍ଷାଙ୍କୁ ଯୌତୁକ ଦେବା ଲାଗି ଶ୍ୱଶୁର ଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବାରୁ ବର୍ଷାଙ୍କ ବାପା ଏତଲାରେ ଦର୍ଶାଇଛନ୍ତି। ବର୍ଷା ହାଇଦ୍ରାବାଦରେ ଡେଙ୍ଗୁଜନିତ ରୋଗରେ ମୃତ୍ୟୁ ହୋଇଥିବା ଶ୍ୱଶୁର ଘର ଲୋକେ କହିବା ସହିତ ସେଠାରେ ଡେଙ୍ଗୁଜନିତ ଡାକ୍ତରଙ୍କ ପାଖରେ ଚିକିତ୍ସା ହେଉଥିବା ପ୍ରେସକ୍ରିପସନ ଦେଖାଇଥିଲେ। ମହିଳାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

## ସ୍କୁଲ ପରିସରରେ ଦନ୍ତାହାତୀର ଉତ୍ପାତ

- ସିସିଟିଭିରେ କଏଦ୍
- ରାତ୍ରିଜଗୁଆଳିଙ୍କୁ ଟାଣିଆଣି କଚାଡ଼ି ଦେଲା

ପଟଣା,୨।୯ (ବୀର କିଶୋର ଦାଶ)

ଗୋଠ ଛଡ଼ା ବଣୁଆ ଦନ୍ତା ୩ ମାସ ହେବ କେନ୍ଦୁଝର ବନଖଣ୍ଡ ଅଞ୍ଚଳର ବିଭିନ୍ନ ରେଞ୍ଜ୍‌ରେ ବ୍ୟାପକ କ୍ଷୟକ୍ଷତି କରିବା ପରେ ପାଟଣା ରେଞ୍ଜ୍‌ରେ ଉପଦ୍ରବ ଜାରି ରଖିଛି। ହାତୀର ଉତ୍ପାତ ସିସିଟିଭିରେ କଏଦ୍ ହୋଇଛି। ହାଇସ୍କୁଲର ଜଣେ ରାତ୍ରଜଗୁଆଳି ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିବା ଏଥିରେ ଦେଖିବାକୁ ମିଳିଛି। ସିସିଟିଭିରେ କଏଦ୍ ହୋଇଥିବା ଏହି ଦୃଶ୍ୟ ଭାଇରାଲ ହେବାରେ ଲାଗିଛି। ସାହାରପଡ଼ା ବ୍ଲକ ବଡ଼ବିଲ ପଞ୍ଚାୟତ ମାଟିଆ ଗୁନି ଏମ୍‌ବିବିଆର୍ ହାଇସ୍କୁଲରେ ଘଟଣାଟି ଘଟିଛି।

ଶୁକ୍ରବାର ଉକ୍ତ ବିଦ୍ୟାଳୟର ରାତ୍ରିଜଗୁଆଳି ରାଜକିଶୋର ମହାନ୍ତ ଓ ପିଅନ ଦୋଳଗୋବିନ୍ଦ ମାହାକୁଡ଼ ଜଗିଥିଲେ। ଗୃହ ଭିତରେ ପ୍ରବଳ ଗୁଳୁଗୁଳି ହେବାରୁ ଉଭୟ ବାରଣ୍ଡାରେ



ମାଟିଆ ଗୁନି ହାଇସ୍କୁଲରେ ରାତ୍ରିଜଗୁଆଳି ଓ ପିଅନ।

୨ଟି ବେଞ୍ଚ୍ ଯୋଡ଼ି ଶୋଇଥିଲେ। ରାତି ପ୍ରାୟ ଗୋଟାଏ ବେଳେ ଏକ ଦନ୍ତା ହାତୀ ଲୁହାଗେଟ୍ ଭାଙ୍ଗି ସ୍କୁଲ ଭିତରକୁ ପଶି ଆସିଥିଲା। ଦୋଳଗୋବିନ୍ଦ ଜୀବନ ବିକଳରେ ଦୌଡ଼ି ଗୃହ ଭିତରକୁ ଚାଲି ଯାଇଥିବା ବେଳେ ରାଜକିଶୋର ଅଳ୍ପଦିନ ତଳେ ହାର୍ଟ ଅପରେଶନ ହୋଇଥିବାରୁ ସେ ଉଠିଯାଇ ପାରି ନ ଥିଲେ। ଦନ୍ତାଟି ମଶାରୀ ସହ ରାଜକିଶୋର ଓ ବେଞ୍ଚ୍‌କୁ ଟାଣି ଆଣି କଚାଡ଼ି ଦେଇଥିଲା। ସୌଭାଗ୍ୟ ବଶତଃ ରାଜକିଶୋରେ ବେଞ୍ଚ୍ ତଳେ ଚାପି ହୋଇ ରହିଥିଲେ। ଦନ୍ତା ତା’ର ସବୁ ରାଗ ବେଞ୍ଚ ଉପରେ ସୁଝାଇଥିବା ଦେଖିବାକୁ ମିଳିଛି। ରାତିତମାମ ରାଜକିଶୋର ବେଞ୍ଚ ତଳେ ଚେତା ହରାଇ ପଡ଼ି ରହିଥିଲେ। ଶନିବାର ସକାଳୁ ଗାଁ ଲୋକେ ଓ ପିଅନ ଆସି ତାଙ୍କୁ ପାଣି ଛାଟି ଉଦ୍ଧାର କରିଥିଲେ। ହାତୀ ଆକ୍ରମଣରେ ରାଜକିଶୋରଙ୍କ ବାମ ହାତ, ଗୋଡ଼, କହୁଣୀ ଓ ଆଖିରେ ଆଘାତ ଲାଗିଛି। ଶନିବାର ସାହାରପଡ଼ା ବିଇଓ ଉତ୍ତମ କୁମାର ନାୟକ ଓ ବନପାଳ ଭୂପତି ସେଠୀ ପହଞ୍ଚି ରାଜକିଶୋରଙ୍କୁ ନେଇ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

